# Akashvani, Sambalpur

## SAMBALPURI NEWS EVENING BULLETIN

## 27 May 2026-7.02- 7.12 pm.

---

୧- ରାଏଜେ ଶିକ୍ଷାୟନ୍‌କେ ବଢ଼ାବାର୍ ଆଉ ସ୍ଥାନୀୟ ଲୁକ୍‌କର୍ ନିଯୁକ୍ତି ଉପ୍‌ରେ ଜୋର୍ ଦଉଛନ୍ ସର୍‌କାର୍ -କହେଲେ ମୁଖ୍ୟମନ୍ତ୍ରୀ ।

- ପାରାଦ୍ୱୀପ୍ ଠାନେ ୬୫ ହଜାର୍ କୋଟି ଟଙ୍କାର୍ ଅତ୍ୟାଧୁନିକ୍ ନୂଆଁ ସମନ୍ୱିତ୍ ଇସ୍ପାତ୍ କାର୍‌ଖାନାର୍ କଲେ ଶିଳାନ୍ୟାସ୍ ।

୨- ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ସତର୍କ ହେବାର୍‌କେ ଦେଶ୍‌ବାସୀଙ୍କୁ ପରାମର୍ଶ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଓଡ଼ିଶା ନ ଖାଲିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ଆଏବା ମାସ ୧୮ ତାରିଖ୍ ହେବା ଉପ ନିର୍ବାଚନ୍ ।

ଆଉର୍

୪- ଚଲ୍‌ତି ଶିକ୍ଷାବଛର୍ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ଆବେଦନ୍ ପ୍ରକ୍ରିୟା ।

ମୁଖ୍ୟମନ୍ତ୍ରୀ- ଶିଳାନ୍ୟାସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶିଳ୍ପାୟନ୍‌କେ ବଢ଼ାବାର୍ ଆଉ ସ୍ଥାନୀୟ ଇଲାକାର୍ ଲୁକ୍‌କୁ ନିଯୁକ୍ତି ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଜଗତ୍‌ସିଂହପୁର୍ ଜିଲ୍ଲାର୍ ପାରାଦ୍ୱୀପ୍ ଠାନେ ଆଏଜ୍ ୬୫ ହଜାର୍ କୋଟି ଟଙ୍କାର୍ ଅତ୍ୟାଧୁନିକ୍ ନୂଆଁ ସମନ୍ୱିତ୍ ଇସ୍ପାତ୍ କାର୍‌ଖାନାର୍ ଶିଳାନ୍ୟାସ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ପୂର୍ବ ଭାରତ୍ ନ ପାରାଦ୍ୱୀପ୍ ବିକାଶ୍‌ର ମଙ୍ଗ ଧର୍‌ବା । ଇ ପ୍ରକଳ୍ପ ଓଡ଼ିଶାକେ ଭାରତ୍‌ର ଇସ୍ପାତ୍ ରାଜ୍‌ଧାନୀ ବନାବାର୍ ସହେତେ ପାରାଦ୍ୱୀପ୍‌କେ ବିକଶିତ୍ ଓଡ଼ିଶାର୍ କେନ୍ଦ୍ରସ୍ଥଲୀ ଭାବେ ପରିଚିତ କରାବା । ଇ କାର୍‌ଖାନାର୍ ଶୁଭାରମ୍ଭ ଉତ୍‌ରୁ ୩୦ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ତିଆର୍ ହେଇପାର୍‌ବା । ୨ ନମ୍ବର୍ ଖେପେ ଉତ୍ପାଦନ୍ କ୍ଷମତାକେ ଆହୁରି ବଢ଼ାବାର୍ ଲକ୍ଷ୍ୟ ରଖାଯିବାର୍ ସହେତେ ୬୦ ହଜାର୍ କୋଟିର ପୁଞ୍ଜିନିବେଶ୍ କରାଯିବା । ଯେନ୍‌ଥିର୍ ଲାଗି ସ୍ଥାନୀୟ ଇଲାକାର୍ ଉନ୍ନତି ସହେତେ ଆନୁସଙ୍ଗିକ୍ ଶିଳ୍ପର୍ ବିକାଶ୍ ହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଯୋଗ୍ ଦେଇକରି କହିଛନ୍, ସର୍‌କାରଙ୍କର୍ ନେତୃତ୍ୱଥି ଦ୍ରୁତ ଶିଳ୍ପାୟନ୍ ଜରିଏ ପୂର୍ବୋଦୟ ସପନ୍ ସାକାର୍ ହେଉଛେ । ଅକ୍ଷୟ ଶକ୍ତି, ଫାର୍ମା ଆଉ ପେଟ୍ରୋ କେମିକାଲ୍ସ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ରାଏଜେ ନିବେଶ୍ ବଢ଼୍‌ବାର୍‌କେ ଲାଗିଛେ ।

୨୦୩୦ ମସିହା ବେଲ୍‌କେ ଭାରତ୍‌ର ୩ ଶହ ମେଟ୍ରିକ୍ ଟନ୍‌ର ଇସ୍ପାତ ଉତ୍ପାଦନ୍ ଲକ୍ଷ୍ୟଥି ଓଡ଼ିଶା ୫୦ ପ୍ରତିଶତ୍ ଯୋଗ୍‌ଦାନ୍‌କେ ପୁରା କର୍‌ବାର୍ ଦିଗେ କାମ୍ କରୁଛେ । ଶିଳ୍ପାୟନ୍ ଅନୁକୂଳ ପରିବେଶ୍ ତିଆର୍ କର୍‌ବାର୍ ଲାଗି ସର୍‌କାର ସବୁ ପ୍ରକାରର୍ ପଦକ୍ଷେପ୍ ନଉଛନ୍ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ । କାର୍‌ଖାନାନୁ ବଛର୍‌କ ୧୩ ଦଶ୍‌ମିକ୍ ୨ ମିଲିୟନ୍ ଟନ୍‌ର ଉତ୍ପାଦନ୍ ଲକ୍ଷ୍ୟ ରଖାଯାଇଛେ ।

ପିଏମ୍- ହିଟ୍‌ୱେଭ୍ ଏନ୍‌ଏସ୍‌ଡି

ଦେଶେ ବଢୁଥିବା ଖରା, ଗରମ୍‌କେ ନଜର୍‌ଥି ରଖିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଜରୁରୀ ସତର୍କତା ନେବାର୍‌କେ ପରାମର୍ଶ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ ଜରିଏ

ଶ୍ରୀ ମୋଦୀ ଖରାନୁ ରକ୍ଷା ପାଏବାର୍ ଲାଗି ଘରୁ ବାହାର୍‌ବାର୍ ବେଲ୍‌କେ ଦର୍‌କାରୀ ଜିନିଷ୍ ପାଖେ ରଖ୍‌ବାର୍ ଲାଗି ଲୋକ୍‌ମାନ୍‌କୁ ନିବେଦନ୍ କରିଛନ୍ । ଘରର୍ ଛାତ୍, ବେଲ୍‌କୋନୀ, ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଆଉ କାର୍ଯ୍ୟାଳୟ ବାହାରେ ପଶୁପକ୍ଷୀ ମାନ୍‌କର୍ ଲାଗି ପାଏନ୍ ରଖ୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଅନୁରୋଧ୍ କରିଛନ୍ । ଏନ୍ତା ସମିଆଥି ପୁରାପୁରି ସମ୍ବେଦନ୍‌ଶୀଲ୍ ଆଉ କରୁଣାର୍ ସହେତେ ସମ୍‌କର୍ ଯତନ୍ ନେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନିବେଦନ୍ କରିଛନ୍ ।

ରାଜ୍ୟସଭା ଉପ ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଓଡ଼ିଶା ନ ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ଖାଲି ହେଇଥିବା ଗୁଟେ ଆସନ୍ ଲାଗି ଆଏବା ମାସ ୧ ତାରିଖ୍‌ନୁ ନାମାଙ୍କନ୍ ପ୍ରକ୍ରିୟା ମୁଲ୍ ହେବା । ୮ ତାରିଖ୍‌ତକ୍ ପ୍ରାର୍ଥୀମାନେ ନିଜର୍ ନାମାଙ୍କନ୍ ଦାଖଲ୍ କରିପାର୍‌ବେ । ୯ ତାରିଖ୍ ପ୍ରାର୍ଥୀପତ୍ର ଯାଂଚ୍ କରାଯିବାର୍ ସହେତେ ୧୧ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ ।

ଆଏବା ମାସ ୧୮ ତାରିଖ୍ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେ ଭିତ୍‌ରେ ଭୋଟ୍ ହେବା । ଉପର୍‌ବେଲା ୫ ବଜେ ଭୋଟ୍ ଗନ୍‌ତି କରାଯାଇକରି ଫଲାଫଲ୍ ବାହାର୍‌ବା ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଇ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଦେବାଶିଷ୍ ସାମନ୍ତରାୟଙ୍କର୍ ରାଜସଭା ସଦସ୍ୟ ପଦ୍‌ନୁ ଇସ୍ତଫା ଦେବାର୍ ଉତ୍‌ରୁ ବିଜ୍ଞପ୍ତି ବାହାରିଛେ ।

ଏସ୍‌ଆଇଆର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟା ଆଇନ୍ ଅନ୍‌ସାରେ ବୈଧ ଆଏ ବଲି ସୁପ୍ରିମ୍‌କୋର୍ଟ କହିଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଉ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କର୍ ଖଣ୍ଡପୀଠ ଇ ବାବଦ୍ ଆବେଦନ୍ ଉପ୍‌ରେ ରାୟ ପ୍ରକାଶ୍ କରିକରି କହିଛନ୍, ଆଇନ୍ ଅନ୍‌ସାରେ ଭାରତୀୟ ନିର୍ବାଚନ୍ କମିଶନ୍ ଇ ପଦକ୍ଷେପ୍ ନେଇପାର୍‌ବେ । ମୁକ୍ତ ଆଉ ନିରପେକ୍ଷ ନିର୍ବାଚନ୍ ବାବଦ୍ ସାମ୍ବିଧାନିକ୍ ଦୃଷ୍ଟିକୋଣକେ ଏନ୍ତା ପଦକ୍ଷେପ୍ ଦର୍ଶଉଛେ ବଲି ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ । ଜନପ୍ରତିନିଧିତ୍ୱ

ଆଇନ୍ ୧୯୫୦ ର ଧାରା ୩ ଶହ ୨୪ ଅନ୍‌ସାରେ ନିର୍ବାଚନ୍ କମିଶନ୍ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟା ଜାରି ରଖ୍‌ବାର୍ ଲାଗି କ୍ଷମତାପ୍ରାପ୍ତ ଆନ୍ । ଗଲାବଛର୍ ଜୁନ୍ ମାସେ ବିହାର୍ ନ ନିର୍ବାଚନ୍ କମିଶନ୍‌ଙ୍କର୍ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟା ବାବଦ୍ ବିଜ୍ଞପ୍ତିକେ ବିରୋଧ୍ କରିକରି ସୁପ୍ରିମ୍‌କୋର୍ଟ ନ ଇ ମାମ୍‌ଲା ଦାୟର୍ କରାଯାଇଥିଲା ।

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ଯୁବବର୍ଗ ହେଉଛନ୍ ପରିବର୍ତ୍ତନ୍‌ର ମୁଖିଆ ବାହକ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି କହିଛନ୍ । ଆଏଜ୍ ଲୋକଭବନ୍‌ର ଅଭିଷେକ୍ ହଲ୍ ଠାନେ ଯୁବସଂଗମ୍‌ର ୬ ନମ୍ବର୍ ଖେପ୍ ଅଧୀନ୍‌ଥି ହେଇଥିବା ଭାବ୍ ବିନିମୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଇଟା କହିଛନ୍ । ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଅଭିଯାନ୍ ଅଧୀନ୍‌ଥି ଓଡ଼ିଶା ଆସିଥିବା ଗୁଜୁରାଟ୍‌ର ଭିନ୍ ଭିନ୍ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ରାଜ୍ୟପାଲ୍ ଆଲୋଚନା କରିଛନ୍ । ରାଷ୍ଟ୍ରନିର୍ମାଣ୍, ସ୍ଥାୟୀ ବିକାଶ୍ ଆଉ

ସଚେତନତା ସୃଷ୍ଟିଥି ଯୁବବର୍ଗଙ୍କର୍ ଭୂମିକା ବାବ୍‌ଦେ ରାଜ୍ୟପାଲ୍ ଜୋର୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଓଡ଼ିଶାର୍ ଖଣିଜ ସମ୍ପଦ, ଆଦିବାସୀ ଐତିହ୍ୟ, ରୂପା ତାର୍‌କସି, ପଟ୍ଟଚିତ୍ର, ସମ୍ବଲପୁରୀ ଶାଢ଼ୀ ବାଗିର୍ ପାରମ୍ପରିକ୍ କଳା ବିଷେଥି ଆଲୋକ୍‌ପାତ୍ କରିଥିଲେ । ଛାତ୍ରଛାତ୍ରୀମାନେ ଇଭି ଭିତିଭୂମି ଇଥାନଲ୍ ମିଶ୍ରଣ୍ ବାଗିର୍ ପ୍ରସଙ୍ଗ ଉପ୍‌ରେ ପ୍ରଶ୍ନ କରିଥିଲେ ଆଉ ରାଜ୍ୟପାଲ୍ ସେସବୁର୍ ଉତର୍ ରଖିଥିଲେ ।

ବିଧାୟକ୍ ପ୍ରଦର୍ଶନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବିଧାୟକ୍ ମାନ୍‌କର୍ ଭଲ ପ୍ରଦର୍ଶନ୍‌ର ଫଲାଫଲ୍ ଖୋବ୍ ଜଲ୍‌ଦି ବାହାର୍‌ବା । ୧୦ ବଛର୍ ଧରିକରି ବନ୍ଦ୍ ରହିଥିବା ଇ ପ୍ରକ୍ରିୟାକେ ବିଧାନ୍‌ସଭା ତର୍‌ଫୁ ଫେର୍‌ଘାଏ ଲାଗୁ କରାଯାଇଛେ । ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଇଥିର୍‌ଲାଗି ଗୁଟେ କମିଟି ଗଠନ୍ କରାଯାଇଛେ । ଇଥି ଉପବାଚସ୍ପତି ଭବାନୀଶଙ୍କର୍ ଭୋଇ, ବିଧାୟକ୍ ଜୟନାରାୟଣ୍ ମିଶ୍ର, ଭାସ୍କର ମଢ଼େଇ, ଆଘର୍ ବିଧାୟକ୍ ଅରବିନ୍ଦ ଢାଲି, ଅମର୍ ପ୍ରସାଦ୍ ଶତ୍‌ପଥୀ ଆଉ ବରିଷ୍ଠ

ସାମ୍ବାଦିକ୍ ରାଜାରାମ୍ ଶତ୍ପଥୀ ପ୍ରମୁଖ ସଦସ୍ୟ ରହିଛନ୍ । ଫିଁ’ ବଛର୍ ଗୃହ ନ ବିଧାୟକ୍ମାନ୍କର୍ ଭଲ୍ ପ୍ରଦର୍ଶନ୍ ଉପସ୍ଥାନ୍, ଗଠନ୍ମୂଲକ୍ ପ୍ରସ୍ତାବ୍ ସବୁକେ ମାନଦଣ୍ଡ ହିସାବେ ବିଚାର୍କେ ନେଇକରି ଫଲାଫଲ୍ ଘୋଷ୍ନା କରାଯାଏସି । ୨୦୦୨ ମସିହାନୁ ଚାଲିଥିବା ଇ ପ୍ରକ୍ରିୟା ୨୦୧୬ ମସିହା ଉତ୍ରୁ ବନ୍ଦ୍ ରହିଥିଲା ।

ଯୁକ୍ତ ୩-ଆବେଦନ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଆଏଜ୍ଠାନୁ ଯୁକ୍ତ ୩ ସ୍ନାତକ ପାଠ୍ୟକ୍ରମ୍ ଲାଗି ଅନ୍ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଛାତ୍ରଛାତ୍ରୀମାନେ ଆଏବା ମାସ ୧୦ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍ତକ୍ ଭିତ୍ରେ ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍ବେ । ଜୁନ୍ ୧୭ ତାରିଖ୍ ପହେଲା ଖେପ୍ ନାଁଲେଖା ମେଧା ତାଲିକା ବାହାର୍ବା । ଜୁନ୍ ୧୮ ନୁ ୨୦ ତାରିଖ୍ ଭିତ୍ରେ ପହେଲା ଖେପ୍ ନାଁଲେଖା ହେବା ଆଉ ଜୁଲାଇ ୯ ତାରିଖ୍ନୁ ପାଠ୍ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକ

ଶ୍ରେଣୀଥି ନାଁଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରଥି କରାଯିବା ।

ବସ୍ ଭଡ଼ା ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ ଏସିଆ ପରିସ୍ଥିତି ସମିଆଥି ପେଟ୍ରୋଲ୍ ଆଉ ଡିଜେଲ୍ର୍ ଦାମ୍ ବଢ଼୍ବାର୍କେ ଲାଗିଛେ । ଧାରିଜ୍ ଦର୍ଠାନୁ ଅଏତ୍କା ବସ୍ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ଯାତ୍ରୀମାନେ ଅଏତ୍କା ଭଡ଼ା ନାଇଁ ଦେଇକରି ଧାରିଜ୍ ହେଇଥିବା ଭଡ଼ା ଦେଇକରି ଯାତ୍ରା କର୍ବାର୍କେ ମନ୍ତ୍ରୀ ଶ୍ରୀ ଜେନା ଅନୁରୋଧ୍ କରିଛନ୍ ।

ବୌଦ୍ଧ-ସମୀକ୍ଷା ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହ ନ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀଙ୍କର୍ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ଆଏଜ୍ ହେଇଛେ । ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ

ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ପିଇବାର୍ ପାନିର୍ ସମସ୍ୟା, ପରିମଳ ବ୍ୟବସ୍ଥା ସହେତେ ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ଜନହିତକାରୀ ଯୋଜ୍‌ନାମାନ୍‌କର୍ ସୁଫଲ୍ ତଲ୍‌ସ୍ତରର୍ ଲୁକ୍‌କର୍ ଲାଗି ଆଏ ଆଉ ଇତାକେ ତାକର୍ ପାଖେ ପୁହୁଁଚାବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମନ୍ତ୍ରୀ କହିଛନ୍ ।

ଅଗ୍ନିପଥ-ପରୀକ୍ଷା          ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସେନାଥି ଅଗ୍ନିପଥ ଆଉ ନିୟମିତ କେଡ଼ର୍ ଲାଗି ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଆଏବା ମାସ ୧ ତାରିଖ୍ ନୁ ମୁଲ୍ ହେବା । ଜୁନ୍ ୧୨ ତାରିଖ୍‌ତକ୍ ଭିନ୍ ଭିନ୍ ଖେପେ କୋଲ୍‌କାତାର୍ ନିଯୁକ୍ତି ଜୋନ୍ ଅଧୀନ୍‌ଥି ଓଡ଼ିଶା, ସିକିମ୍ ଆଉ ପଶ୍ଚିମବଙ୍ଗ୍ ନ ଇ ପରୀକ୍ଷା ହେବା । ଇଚ୍ଛୁକ୍ ପ୍ରାର୍ଥୀମାନେ ଅନ୍‌ଲାଇନ୍ ଜରିଏ ଆବେଦନ୍ କରିପାର୍‌ବେ । www.joinindianarmy.nic.in ୱେବ୍‌ସାଇଟ୍‌ଥି ପ୍ରବେଶ୍‌ପତ୍ର ପାଇପାର୍‌ବେ । ରାଜ୍ୟର୍ ୧୭ ଟା ସହରର୍ ୨୬

କେନ୍ଦ୍ର ନ ପରୀକ୍ଷା ହେବା ବଲି କଟକ୍ ସେନାନିଯୁକ୍ତି କାର୍ଯ୍ୟାଲୟନୁ ସୂଚ୍ନା ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲାପାଲ୍-ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟାଲୟ ସମ୍ମିଲନୀ କକ୍ଷ ନ ଆଏଜ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍ଥି ଚାଲିଥିବା ଭିନ୍ ଭିନ୍ କାମ୍ର ସମୀକ୍ଷା କରିକରି ସ୍ୱାସ୍ଥ୍ୟ ଅନୁଷ୍ଠାନ୍ ମାନ୍କର୍ ଭିତିଭୂମି ବିକାଶ୍ ଉପ୍ରେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ ।

ବୌଦ୍ଧ ଏସ୍ଆଇଆର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ୨ ଦିନିଆ ଏସ୍ଆଇଆର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ୪ ଶହ ୧୫ ଝନ୍ ବ୍ଲକ୍ସ୍ତରୀୟ ଅଧିକାରୀ ଆଉ ୪୨ ଝନ୍ ପର୍ଯ୍ୟବେକ୍ଷକ୍ଙ୍କୁ ଭୋଟର୍ ତାଲିକା ବାବଦ୍ ବିସ୍ତୃତ୍ ସୂଚନା ଦିଆଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏଜ୍ ଟିଟିଲାଗଡ଼୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ । ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ତାପମାତ୍ରାଥି କିଛି ଖାସ୍ ପରିବର୍ତନ୍ ନାଇଁ ହୁଏ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦରଗଡ଼୍, ଦେବ୍‌ଗଡ଼୍, ଅନୁଗୁଲ୍, ଢେଙ୍କାନାଲ୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲାକେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ଲାଗି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।